

# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

## କମ୍ ପ୍ରିମିୟମ୍, ବଡ ବୀମା

ରଞ୍ଜନ କୁମାର ମହାନ୍ତ, ଶିବ ମଙ୍ଗଳ ପ୍ରସାଦ, ସୁଜାତା ସେଠୀ,
ଦିଲ୍ଲୀପ ରଞ୍ଜନ ଷଡଙ୍ଗୀ, ମନିଷ ଚୌରାସିଆ,
ବିଶ୍ୱନାଥ ଷଡଙ୍ଗୀ, ଅମରେଶ କୁମାର ନାୟକ

୨୦୧୬ ମସିହା ଜାନୁୟାରୀ ମାସ ୧୩ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ମାନନୀୟ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏକ ଆଦର୍ଶ "ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା"ର ଶୁଭାରମ୍ଭ କରା ଯାଇଛି । କୃଷି ସହିତ ଜଡିତ ଅନେକ ସମସ୍ୟାର ସମାଧାନ କରି ଚାଷୀଭାଇ ଓ ଭଉଣୀମାନଙ୍କର ଦୁଃଖ ଦୂର କରିବା ଏହାର ମୂଳ ଲକ୍ଷ୍ୟ । ଏହି ଯୋଜନାରେ ୧୭,୬୦୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା ରଖା ଯାଇଛି । ଏହା ୨୦୧୬ ମସିହା ଖରିଫ ଋତୁରୁ ଲାଗୁ ହେବ । ବର୍ତ୍ତମାନ ଜାତୀୟ କୃଷି ବୀମା ଯୋଜନା (NAIS), ସଂଶୋଧିତ କୃଷି ବୀମା ଯୋଜନା (MNAIS), ଋତୁଭିତ୍ତିକ ଫସଲ ବୀମା ଯୋଜନା (WBCIS) ଏବଂ ନାରିକେଳ ପାମ୍ ବୀମା ଯୋଜନା (CPIS) ଚାଲୁ ରହିଛି । ଜାତୀୟ କୃଷି ବୀମା ଯୋଜନା ଓ ସଂଶୋଧିତ କୃଷି ବୀମା ଯୋଜନାରେ କୃଷକମାନଙ୍କୁ ଅଧିକ ପ୍ରିମିୟମ୍ ଦେବା ସତ୍ତ୍ୱେ କ୍ଷତିର ଯଥାର୍ଥ କ୍ଷତିପୂରଣ ମିଳିପାରୁ ନ ଥିଲା । ଏହି ଯୋଜନାଗୁଡିକ କୃଷକମାନଙ୍କ ପାଇଁ ଅଧିକ ସହାୟକ ଓ ଲାଭଦାୟକ ନ ଥିଲା । ବିଭିନ୍ନ ଯୋଜନା ମାନଙ୍କ ମଧରେ ଥିବା ପାର୍ଥକ୍ୟ ଗୁଡିକ ସାରଣୀରେ ଦିଆଯାଇଛି । ସେଥିପାଇଁ ଜାତୀୟ କୃଷି ବୀମା ଯୋଜନା ଓ ସଂଶୋଧିତ କୃଷି ବୀମା ଯୋଜନାକୁ ରବି ୨୦୧୫-୧୬ ପରେ ବନ୍ଦ କରି କୃଷକଙ୍କୁ ଅଧିକ ସୁରକ୍ଷା ପ୍ରଦାନ କରିବା ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY)ର ପ୍ରାରମ୍ଭ କରାଯାଇଛି । ଏହି ଯୋଜନାରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ସାମିଲ ହୋଇ ପାରିବେ ।

### ଲକ୍ଷ୍ୟ

- ✓ ବିଜ୍ଞପ୍ତି ଜାରି ହୋଇଥିବା ଫସଲରେ ହେଉଥିବା ପ୍ରାକୃତିକ ବିପର୍ଯ୍ୟୟ ତଥା ରୋଗ ଓ ପୋକ ଜନିତ କ୍ଷତିର ଭରଣା ପାଇଁ ଚାଷୀଭାଇ ଓ ଭଉଣୀମାନଙ୍କୁ ବୀମାର ଅନ୍ତର୍ଭୁକ୍ତ କରି ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ।
- ✓ କୃଷକମାନଙ୍କର ଆୟରେ ସ୍ଥିରତା ଆଣି, କୃଷିକାର୍ଯ୍ୟରେ ସେମାନଙ୍କର ନିରବଚ୍ଛିନ୍ନ ଯୋଗଦାନ ପାଇଁ ଚେଷ୍ଟା କରିବା ।
- ✓ ନୂତନ ଓ ଆଧୁନିକ କୃଷି ପଦ୍ଧତିର ବ୍ୟବହାର ପାଇଁ ଚାଷୀମାନଙ୍କୁ ଉତ୍ସାହିତ କରିବା ।
- ✓ କୃଷି ବିଭାଗକୁ ଅଧିକ ଋଣ ଯେପରି ଆସେ ତାକୁ ସୁନିଶ୍ଚିତ କରିବା ।

### ଫସଲ ବୀମା କ'ଣ ?

ଫସଲ ବୀମା କଲେ କୃଷକମାନେ ନିଜର ଫସଲ ସହିତ ଜଡିତ ବିପଦ କାରଣରୁ ସମ୍ଭାବ୍ୟ କ୍ଷତିରୁ ସୁରକ୍ଷା ପାଇଥାନ୍ତି । ବୀମା ଦ୍ୱାରା କୃଷକମାନେ ସମ୍ମୁଖୀନ ହେଉଥିବା ଆକସ୍ମିକ ବିପଦ କିମ୍ବା ଖରାପ ପାଣିପାଗ ଜନିତ ଫସଲ ହାନିର କ୍ଷତିପୂରଣ ପାଇଥାନ୍ତି ।

# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ବିଶେଷତା

| ସ୍ୱତନ୍ତ୍ର ବୈଶିଷ୍ଟ୍ୟ | ଜାତୀୟ କୃଷି ବୀମା ଯୋଜନା (NAIS) | ସଂଶୋଧିତ ଜାତୀୟ କୃଷି ବୀମା ଯୋଜନା (MNAIS) | ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) |
|---|---|---|---|
| ପ୍ରାରମ୍ଭ ବର୍ଷ | ୧୯୯୯ | ୨୦୧୦ | ୨୦୧୬ |
| ପ୍ରିମିୟମ୍ ଦର | କମ୍ | ଅଧିକ | ଅତି କମ୍ |
| ଏକ ଋତୁ - ଏକ ପ୍ରିମିୟମ୍ | ହଁ | ନା | ହଁ |
| ବୀମା ରାଶିର ସୀମା ଧାର୍ଯ୍ୟ ଅଛି କି ? | ନା | ହଁ | ନା |
| ବ୍ୟାଙ୍କ ଖାତାରେ ବୀମା ରାଶି ଜମା କରିବାର ବ୍ୟବସ୍ଥା | ନା | ହଁ | ହଁ |
| ସ୍ଥାନୀୟ ସମ୍ଭାବିତ କ୍ଷତିରୁ ସୁରକ୍ଷା ଅନ୍ତର୍ଭୁକ୍ତ କି ? | ନା | କୁଆପଥର ବୃଷ୍ଟି ଭୂସ୍ଖଳନ | କୁଆପଥର ବୃଷ୍ଟି ଭୂସ୍ଖଳନ, ପାଣି ଜମିବା |
| ଫସଲ କଟାଯିବା ପରେ ରଖା ଯାଇଥିବା ଫସଲର ସମ୍ଭାବିତ କ୍ଷତି ପାଇଁ ସୁରକ୍ଷା | ନା | ଉପକୂଳବର୍ତ୍ତୀ ଅଂଚଳରେ ଘୂର୍ଣ୍ଣିବାତ୍ୟା ଜନିତ | ସାରା ଭାରତରେ ଘୂର୍ଣ୍ଣିବାତ୍ୟା ଓ ଅସମୟ ବର୍ଷା ଜନିତ କ୍ଷତି |
| ବୁଣା ବା ରୋପଣ ନ କରି ପାରିବା ଜନିତ କ୍ଷତିର ଭରଣା ବ୍ୟବସ୍ଥା | ନା | ହଁ | ହଁ |
| ନୂତନ କୌଶଳ ବ୍ୟବହାର କରି କ୍ଷୟକ୍ଷତି ଜନିତ ଦାବି ପୈଠ ଶୀଘ୍ର କରିବା ପାଇଁ ପଦକ୍ଷେପ | ନା | ଇଚ୍ଛାକୃତ | ବାଧ୍ୟତାମୂଳକ (ରିମୋଟ ସେନ୍ସିଂ, ଡ୍ରୋନ୍, ସ୍ମାର୍ଟଫୋନ୍‌ର ଉପଯୋଗ ) |
| ସଚେତନତା ସୃଷ୍ଟି କରିବା ପାଇଁ ପଦକ୍ଷେପ | ନା | ନା | ହଁ (ଫସଲ ବୀମାରେ ୫୦% ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ଲକ୍ଷ୍ୟ) |

# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY)ରେ ପ୍ରିମିୟମ୍ ଦର

| ଫସଲ | ଋତୁ | ଚାଷୀଙ୍କ ପାଇଁ ସର୍ବାଧିକ ପ୍ରିମିୟମ୍ ଦର (% ସୁନିଶ୍ଚିତ ରାଶି) |
|---|---|---|
| ଶସ୍ୟ, ଖାଦ୍ୟାନ୍ନ, ତୈଳବୀଜ ଓ ଡାଲି ଜାତୀୟ ଫସଲ (ଧାନ, ଗହମ, ମକା, ବାଜରା, ଯଅ, ବିରି, ମୁଗ, କୋଳଥ, ହରଡ ଇତ୍ୟାଦି) | ଖରିଫ | ୨ |
| | ରବି | ୧.୫ |
| ବାର୍ଷିକ ବ୍ୟବସାୟିକ ଏବଂ ଉଦ୍ୟାନ କୃଷି ଫସଲ (ଫୁଲକୋବି, ବାଇଗଣ, ବିଲାତି, ଲାଉ, କଦଳୀ, ଅମୃତଭଣ୍ଡା ଇତ୍ୟାଦି ) | ଖରିଫ | ୫ |
| | ରବି | ୫ |

## କେଉଁ କେଉଁ ଫସଲର ବୀମା ହୋଇପାରିବ

ରାଜ୍ୟ ସରକାର /କେନ୍ଦ୍ରଶାସିତ ଅଂଚଳ ଦ୍ୱାରା ସ୍ଥିର କରାଯାଇଥିବା ଅଂଚଳରେ ନିର୍ଦ୍ଧାରିତ ଫସଲର ବୀମା ହୋଇପାରିବ

- ✓ ଶସ୍ୟଜାତୀୟ (ଧାନ, ଗହମ, ମକା, ବାଜରା, ଯଅ ଇତ୍ୟାଦି)
- ✓ ତୈଳବୀଜ ଜାତୀୟ (ସୋରିଷ, ଚିନାବାଦାମ, ରାଶି, ଖସା, ସୂର୍ଯ୍ୟମୁଖୀ, ସୋୟାବିନ୍ ଇତ୍ୟାଦି)
- ✓ ବାର୍ଷିକ ବ୍ୟବସାୟିକ ଏବଂ ଉଦ୍ୟାନ କୃଷି ଫସଲ (ଫୁଲକୋବି, ବାଇଗଣ, ବିଲାତି, କଦଳୀ, ଅମୃତଭଣ୍ଡା ଇତ୍ୟାଦି )

## କେଉଁ କେଉଁ କୃଷକ ବୀମା କରିପାରିବେ

ରାଜ୍ୟ ସରକାର /କେନ୍ଦ୍ରଶାସିତ ଅଂଚଳ ଦ୍ୱାରା ସ୍ଥିର କରାଯାଇଥିବା ଅଂଚଳରେ ନିର୍ଦ୍ଧାରିତ ଫସଲର ଚାଷ କରୁଥିବା କୃଷକମାନେ ବୀମା କରିପାରିବେ । ବ୍ୟାଙ୍କ କିଷାନ କ୍ରେଡିଟ କାର୍ଡ ଧାରୀ କୃଷକମାନେ (ଋଣୀ କୃଷକ) ଜରୁରୀ ପ୍ରିମିୟମ୍ ବୀମା କମ୍ପାନୀକୁ ବ୍ୟାଙ୍କ ଖାତା ମାଧ୍ୟମରେ ନିଜେ ନିଜେ ଦେଇଥାନ୍ତି ଓ ତାଙ୍କ ପାଇଁ ଏହା ବାଧ୍ୟତାମୂଳକ । **ଅନ୍ୟ ସମସ୍ତ କୃଷକ ନିକଟସ୍ଥ ବ୍ୟାଙ୍କ ଶାଖା, କୃଷି ସମବାୟ ସମିତି ଅଥବା ନିର୍ଦ୍ଧାରତ ବୀମା କମ୍ପାନୀର ସ୍ଥାନୀୟ ଏଜେଣ୍ଟଙ୍କୁ ପ୍ରିମିୟମ୍ ଦେଇ ଫସଲ ବୀମା କରିପାରିବେ।**

## କେଉଁ କେଉଁ ବିପଦ ବୀମାରେ ଅନ୍ତର୍ଭୁକ୍ତ

**୧) ସଂରକ୍ଷଣ ବୁଣା ଆଧାର**

ଯଦି ବୀମାଭୁକ୍ତ କୃଷକ ବୁଣା/ ରୋପଣ ପାଇଁ ଖର୍ଚ୍ଚ କରିବା ସତ୍ତ୍ୱେ ଖରାପ ପାଣିପାଗ କାରଣରୁ ବୁଣା/ ରୋପଣ କରି ନ ପାରନ୍ତି, ତେବେ ବୀମାକୃତ ରାଶିର ୨୫ ପ୍ରତିଶତ ପର୍ଯ୍ୟନ୍ତ କ୍ଷତିପୂରଣ ଦାବି କରିପାରିବେ।

**୨) ଫସଲ କ୍ଷତି ଆଧାର**

- ✓ ପ୍ରାକୃତିକ ଅଗ୍ନିକାଣ୍ଡ
- ✓ ବଜ୍ରପାତ
- ✓ ବାତ୍ୟା
- ✓ କୁଆପଥର ବୃଷ୍ଟି
- ✓ ଘୂର୍ଣ୍ଣିବାତ୍ୟା
- ✓ ଝଡ
- ✓ ଜଳଜମିବା
- ✓ ଭୂସ୍ଖଳନ
- ✓ ମରୁଡି
- ✓ ଖରାପ ପାଣିପାଗ
- ✓ କୀଟ ଓ ରୋଗ
- ✓ ଡାଲି ଜାତୀୟ (ବିରି, ମୁଗ, କୋଳଥ, ହରଡ ଇତ୍ୟାଦି)

**୩)** ଫସଲ କଟାଯିବା ପରେ ରଖାଯାଇଥିବା ଫସଲକୁ ଘୂର୍ଣ୍ଣିବାତ୍ୟା, ଅସମୟ ବର୍ଷା ଏବଂ ସ୍ଥାନୀୟ ବିପଦ ଯେପରି କୁଆପଥର, ଭୂସ୍ଖଳନ ଓ ଜଳଜମିବା କାରଣରୁ ହୋଇଥିବା କ୍ଷତିର ଆକଳନ ପ୍ରଭାବୀ ଚାଷଜମି ଭିତ୍ତିରେ କରାଯିବ ଏବଂ ତା ଅନୁଯାୟୀ କୃଷକଙ୍କ କ୍ଷତିର ଆକଳନ କରାଯାଇ ଦାବି ସ୍ଥିର କରାଯିବ ।

## ବୀମାର ଏକକ

ଏହି ଯୋଜନା କ୍ଷେତ୍ରୀୟ ଦୃଷ୍ଟିକୋଣ ଆଧାରରେ କାର୍ଯ୍ୟକାରୀ କରାଯିବ । ମୁଖ୍ୟ ଫସଲ ପାଇଁ ବୀମା ଏକକ ଗ୍ରାମ/ ଗ୍ରାମପଂଚାୟତ ସ୍ତରରେ ହେବ । ଅନ୍ୟ ଫସଲ ପାଇଁ ବୀମା ଏକକ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିର କରାଯିବ, ଏହା ଗ୍ରାମ/ ଗ୍ରାମପଂଚାୟତଠାରୁ ବଡ ସ୍ତରରେ ମଧ୍ୟ ହୋଇପାରେ । ସ୍ଥାନୀୟ ବିପଦ ଯେପରି କୁଆପଥର ବୃଷ୍ଟି, ଭୂସ୍ଖଳନ ଓ ଜଳଜମିବା କାରଣରୁ ହୋଇଥିବା କ୍ଷତିର ଆକଳନ ପ୍ରଭାବୀ ଚାଷଜମି ଭିତ୍ତିରେ କରାଯିବ । ସେହିପରି ଫସଲ କଟାହେବାର ୧୪ ଦିନ ମଧ୍ୟରେ ଘୂର୍ଣ୍ଣିବାତ୍ୟା ଏବଂ ଅସମୟ ବର୍ଷା କାରଣରୁ ହୋଇଥିବା କ୍ଷତିର ଆକଳନ ଚାଷଜମି ଭିତ୍ତିରେ କରାଯିବ।

## ବୀମାକୃତ ରାଶି

ଏହି ଯୋଜନା ଅଧୀନରେ ବୀମାକୃତ ରାଶି ଜିଲ୍ଲାସ୍ତରୀୟ ବୈଷୟିକ ସମିତି (DLTC) ଦ୍ୱାରା ସେହି ଫସଲ ପାଇଁ ସ୍ଥିର ଆର୍ଥିକ ପରିମାଣ ସହ ସମାନ ହେବ । ବିଗତ ୧୦ ବର୍ଷର ଫସଲ ଅମଳକୁ ଆଖି ଆଗରେ ରଖି ଏହା ସ୍ଥିର କରାଯିବ ।

## କ୍ଷତିପୂରଣ ବ୍ୟବସ୍ଥା

ସ୍ମାର୍ଟଫୋନ୍ ଅଥବା କ୍ୟାମେରାରେ ଫସଲ ଅମଳ ଆକଳନର ଫଟୋ ଉଠାଇ ସର୍ଭରରେ ଅପଲୋଡ୍ କରାଯିବ । ଏହାକୁ ଯାଂଚକରି ବୀମା କମ୍ପାନୀ ଫସଲ ଅମଳର ପରିସଂଖ୍ୟାନ ଯଥାଶୀଘ୍ର କରିପାରିବ । ତେଣୁ ଚାଷୀ ପାଇବାକୁ ଥିବା ବୀମାରାଶି ବହୁତ କମ୍ ସମୟରେ ପାଇପାରିବ ।  ନୂତନ କୌଶଳ ଯଥା ରିମୋଟ ସେନ୍ସିଂ, ଡ୍ରୋନ୍, ସ୍ମାର୍ଟଫୋନ୍‌ର ଉପଯୋଗ ବ୍ୟବହାର କରି କ୍ଷୟକ୍ଷତି ଜନିତ ଦାବି ପୈଠ ଶୀଘ୍ର କରିବା ପାଇଁ ପଦକ୍ଷେପ ବାଧ୍ୟତାମୂଳକ ହୋଇଥିବାରୁ ଫସଲ ଅମଳ ପ୍ରୟୋଗ ସଂଖ୍ୟା କମ୍ କରାଯାଇ ପାରିବ ତଥା କ୍ଷୟକ୍ଷତିର ଆକଳନ ଶୀଘ୍ର ହୋଇପାରିବ । ବୁଣା/ ରୋପଣ ପାଇଁ ଖର୍ଚ୍ଚ କରିବା ସତ୍ତ୍ୱେ ଖରାପ ପାଣିପାଗ  କାରଣରୁ ବୁଣା/ ରୋପଣ କରି ନ ପାରିଲେ, ବୀମାକୃତ ରାଶିର ୨୫ ପ୍ରତିଶତ ପର୍ଯ୍ୟନ୍ତ କ୍ଷତିପୂରଣ ମିଳିପାରିବ ।

## କାର୍ଯ୍ୟକାରୀ ଅନୁଷ୍ଠାନ/ କାର୍ଯ୍ୟାଳୟ

କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାରଙ୍କର କୃଷି, ସହଯୋଗ ଓ କୃଷକ କଲ୍ୟାଣ ବିଭାଗ ଏହାର ପଥ ପ୍ରଦର୍ଶନ ଓ ନିର୍ଦ୍ଦେଶନ କରିବେ । ରାଜ୍ୟ ସରକାର, ବିତ୍ତୀୟ ଅନୁଷ୍ଠାନ (ବାଣିଜ୍ୟିକ ବ୍ୟାଙ୍କ୍, ସମବାୟ ବ୍ୟାଙ୍କ୍, ଆଂଚଳିକ ଗ୍ରାମ୍ୟ ବ୍ୟାଙ୍କ୍ ଓ ତାଙ୍କର ନିୟନ୍ତ୍ରଣକାରୀ ସଂସ୍ଥା) ଓ ସରକାରୀ ବିଭାଗ (କୃଷି, ସମବାୟ, ଉଦ୍ୟାନ ବିଭାଗ, ପରିସଂଖ୍ୟାନ, ରାଜସ୍ୱ, ପଂଚାୟତି ରାଜ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଇତ୍ୟାଦି) ଙ୍କର ମିଳିତ ସହଯୋଗରେ  ଏହା କାର୍ଯ୍ୟକାରୀ କରାଯିବ । ଚଳିତ ବର୍ଷ ପାଇଁ ବୀମାର ଭାର ନିମ୍ନ କମ୍ପାନୀମାନଙ୍କୁ ଦିଆଯାଇଛି ।

1. Agriculture Insurance Company of India
2. ICICI-Lombard General Insurance Company Ltd.
3. HDFC-ERGO General Insurance Company Ltd.
4. IFFCO-Tokio General Insurance Company Ltd.
5. Cholamandalam MS General Insurance Company Ltd.
6. Bajaj Allianz General Insurance Company Ltd.
7. Reliance General Insurance Company Ltd.
8. Future Generali India Insurance Company Ltd.
9. Tata-AIG General Insurance Company Ltd.
10. SBI General Insurance Company Ltd.
11. Universal Sompo General Insurance Company Ltd.

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ବିଷୟରେ ଅଧିକ ଜାଣିବା ପାଇଁ www.agri-insurance.gov.in ଦେଖନ୍ତୁ ।

କୃଷି ବିଜ୍ଞାନ କେନ୍ଦ୍ର ସଂପ୍ରସାରଣ ପୁସ୍ତିକା : ୧
ପ୍ରକାଶକ: କୃଷି ବିଜ୍ଞାନ କେନ୍ଦ୍ର କଟକ
ଭାକୃଅନୁପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ
ଫୋନ୍:୦୬୭୧-୨୧୧୭୨୫୮ ; E-mail:kvkcuttack@gmail.com